## ବର୍ଷାଜଳ ନିଷ୍କାସନ ପାଇଁ ଅନୁଧ୍ୟାନ

**କୁଜଙ୍ଗ,(ଡି.ଏନ୍.ଏ.):** ଏରସମା ବ୍ଲକ ୪ନମ୍ବର ଜୋନ ବାଲିତୁଠ, ନୁଆଗାଁ, ଢିଙ୍କିଆ, ବାମଦେଇପୁର ଆଦି ପଞ୍ଚାୟତରେ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନେଜ ବିଭାଗ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କ୍ଷେତ୍ର ଅନୁଧାନ କରାଯାଇଛି। ଜିଲା ପରିଷଦ ସଭ୍ୟା ଇତିଶ୍ରୀ ଭୂୟାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ୍ରେନେଜ ବିଭାଗ ପକ୍ଷରୁ ସହକାରୀ ଯନ୍ତ୍ରୀ ସୁଧୀର କୁମାର ପ୍ରହରାଜ, କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ଦାସ ଉପରୋକ୍ତ ପଞ୍ଚାୟତର ବିଭିନ୍ନ ସ୍ଥାନ ବୁଲି ଜଳ ନିଷ୍କାସନର ସ୍ଥିତି ସମୀକ୍ଷା କରିଥିଲେ। ଏହି ସମୟରେ ଢିଙ୍କିଆ ସରପଞ୍ଚ କିଶୋର ପରିଡା, ରଶ୍ମିରଞ୍ଜନ ଖୁଣ୍ଟିଆ, ଅସିତ କୁମାର ସ୍ୱାଇଁ, ଅଦ୍ୱୈତ କୁମାର ଭୂୟାଁ ଓ କରୁଣାକର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ମା'ସିଦ୍ଧିଦାତ୍ରୀଙ୍କ ମହାଗୌରୀ ବେଶ



**ନାଉଗାଁ,୨୦।୪(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ଦୋସ୍ଥିତ ମା'ସିଦ୍ଧିଦାତ୍ରୀ ଦିବ୍ୟଜୀବନ ସେବାଶ୍ରମରେ ନବଦିନାତ୍ମକ ବାସନ୍ତିକ ଦୁର୍ଗାପୂଜାର ୮ମ ଦିବସରେ ମା'ଙ୍କୁ ମହାଗୌରୀ ବେଶରେ ସଜ୍ଜିତ କରାଯାଇଛି।

## ପୁରାତନ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ପ୍ରଦାନ

**ଆଳି,୨୦।୪(ଡି.ଏନ.ଏ.):** ଆଳି ବ୍ଲକ ଚଣ୍ଡିଆଗଡି ନୋଡାଲ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ମୋ ସ୍କୁଲ ଅଭିଯାନ ସମାବେଶ ମଙ୍ଗଳବାର ପୂର୍ବାହ୍ନରେ ବ୍ଲକ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ସଞ୍ଜୀବ କୁମାର ସିଂ ଯୋଗଦାନ କରି ମୋ ସ୍କୁଲ ଅଭିଯାନରେ ବ୍ଲକର ପୁରାତନ ଛାତ୍ରୀଛାତ୍ରମାନଙ୍କ ସଫଳତାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପାବନୀ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ରମାକାନ୍ତ ମହାପାତ୍ର ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଉନ୍ନତିରେ ପୁରାତନ ଛାତ୍ରୀଛାତ୍ରଙ୍କ ଅବଦାନକୁ ଆଗେଇ ନେବା ଓ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା ପତ୍ର ପଠାଇ ଥିଲେ। ଏହାକୁ ବ୍ଲକର ୫୦ ସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଏବିଇଓ ଦିଲୀପ କୁମାର ମଲ୍ଲ, ସିଙ୍ଗିରି ସିଆରସିସି ସଞ୍ଜୟ ମହାଲିକ, ମାଳପାଟଣା କ୍ଲଷ୍ଟର ସିଆରସିସି ଅନିଲ ନନ୍ଦ, ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ଯୋଗଦେଇ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

## ନଳିନୀ ମହାନ୍ତିଙ୍କ ୯ମ ଶ୍ରାଦ୍ଧ ବାର୍ଷିକୀ

**ରାଜନଗର, ୨୦।୪ (ଡି.ଏନ.ଏ.):** ରାଜନଗର ମାଟିର ସୁଯୋଗ୍ୟ ସନ୍ତାନ, ପୂର୍ବତନ ମନ୍ତ୍ରୀ ନଳିନୀକାନ୍ତ ମହାନ୍ତିଙ୍କ ୯ମ ଶ୍ରାଦ୍ଧ ବାର୍ଷିକୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ମହାନ୍ତିଙ୍କ ସ୍ମୃତିଚାରଣ କରାଯାଇଥିଲା। ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ସ୍ଥାପିତ ମହାନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବ୍ଲକ କଂଗ୍ରେସ କମିଟିର ସଭାପତି ଦେବେନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମହାନ୍ତିଙ୍କ ପୁଅ ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ କମିଟିର ସଭାପତି ଅଂଶୁମାନ ମହାନ୍ତି ଯୋଗ ଦେଇଥିଲେ। ଏଥିରେ ସନ୍ତୋଷ କୁମାର ମହାନ୍ତି, ରଞ୍ଜନ କୁମାର ମହାନ୍ତି, ଅଶୋକ କୁମାର ବଳ, ପ୍ରମୁଖ ଯୋଗ ଦେଇଥିଲେ।

**ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.):** ନଳିନୀକାନ୍ତ ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ନଗର କଂଗ୍ରେସ କମିଟି ସଭାପତି ଅମୂଲ୍ୟ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ମହାନ୍ତି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ବ୍ଲକ କଂଗ୍ରେସ ସଭାପତି ମଳୟ ଦାସ, ରମାକାନ୍ତ ଦାସ ପ୍ରମୁଖ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଭିତରକନିକା ମହୁ ଉପରେ ବେପାରୀଙ୍କ ଆଖି

- ନିଆଁ ହୁଳାରେ ବହୁବାର ଜଳିଲାଣି ଜଙ୍ଗଲ
- ବର୍ଷକୁ ୪୮୦ କୁଇଣ୍ଟାଲରୁ ଅଧିକ ହେଉଛି ସଂଗ୍ରହ
- ତାଲିମରେ ୫ ହଜାରରୁ ଊର୍ଦ୍ଧ୍ୱ ହେବେ ଆତ୍ମନିର୍ଭର

**କେନ୍ଦ୍ରାପଡା ଅଫିସ, ୨୦।୪**



ଗଛରେ ଥିବା ମହୁ ଫେଣାକୁ ଧୂଆଁ ଦେଇ ବେପାରୀ ମହୁ ସଂଗ୍ରହ କରୁଛନ୍ତି।

ଜାତୀୟ ଉଦ୍ୟାନ ଭିତରକନିକାରେ ୪ ବର୍ଷ ମଧ୍ୟରେ ୧୧ ସ୍ଥାନରେ ନିଆଁ ଲାଗିଛି। ନିଆଁ ଲିଭିବା ପୂର୍ବରୁ ଏକର ଏକର କାନ୍ତୁ, ହେନ୍ତାଳ ଜଙ୍ଗଲ ଜଳିଯାଉଛି। ନିଆଁର କାରଣ ସମ୍ପର୍କରେ ଅନୁସନ୍ଧାନ ସମୟରେ ଓ ଅନ୍ୟ କେତେକ ସମୟରେ ନିଆଁ ହୁଳା ପାଇଁ ବ୍ୟବହାର ହେଉଥିବା ଅଖା, ଦିଆସିଲି ଆଦି ଦେଖିବାକୁ ମିଳୁଛି। ମହୁ ବେପାରୀଙ୍କ ଆଖି ଭିତରକନିକା ଜଙ୍ଗଲ ଉପରେ ପଡିଛି। ନିଆଁ ହୁଳା ମହୁ ଆମଦାନୀ ପାଇଁ ବ୍ୟବହାର ହେଉଥିବା କେତେଜଣ ପରିବେଶବିତ୍ ମତ ଦେଇଛନ୍ତି।

ଏ ସମ୍ପର୍କରେ ପରିବେଶବିତ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ, ପ୍ରଭୁ ପ୍ରସାଦ ମହାପାତ୍ର, ସେକ୍ ଚାନ୍ଦ ପ୍ରମୁଖ କହିଛନ୍ତି, ୬୭୨ ବର୍ଗ କି.ମି. ଅଞ୍ଚଳ ଉପରେ ଜାତୀୟ ଉଦ୍ୟାନ ଭିତରକନିକା ଅଛି। ଜୈବ ବିବିଧତା ଏହାର ମୁଖ୍ୟ ଆକର୍ଷଣ ହୋଇଥିବା ବେଳେ ୧୪୫ ବର୍ଗ କି.ମି. ଅଞ୍ଚଳରେ ଘଞ୍ଚ ଜଙ୍ଗଲ ଅଛି। ଏହି ଅଞ୍ଚଳକୁ ସାଧାରଣ ଯାତାୟାତ ପାଇଁ ନିଷିଦ୍ଧ ହୋଇଥିବାରୁ ପ୍ରାକୃତିକ ବିଭବରେ ଭରି ରହିଛି। ବର୍ଷକୁ ଏଠାରୁ ୪୮୦ କୁଇଣ୍ଟାଲରୁ ଅଧିକ ମହୁ ସଂଗ୍ରହ ହୋଇଥିବା ରେକର୍ଡ ଅଛି। ଏହି ମହୁ ଜଙ୍ଗଲ ନଷ୍ଟର ଅନ୍ୟତମ କାରଣ ସାଜିଛି। ସ୍ଥାନୀୟ ଅଧିବାସୀ କଟକଣା ନ ମାନି ଜଙ୍ଗଲ ମଧ୍ୟରୁ ମହୁ ସଂଗ୍ରହ କରୁଛନ୍ତି। ମହୁ ସଂଗ୍ରହ ସମୟରେ ନିଆଁ ହୁଳାର ବ୍ୟବହାର ହେଉଛି। ହୁଳା ଧୂଆଁରେ ମହୁମାଛି ବାସସ୍ଥାନ ଛାଡି ପଳାଉଥିବା ବେଳେ ବେପରୀମାନେ ବସାକୁ ଭାଙ୍ଗି ଆଣି ମହୁ ସଂଗ୍ରହ କରୁଛନ୍ତି। ବନ ବିଭାଗ ଅଜାଣତରେ ଚାଲୁଥିବା ଏହି କାର୍ଯ୍ୟ ବନାଞ୍ଚଳ ତିଷ୍ଠିବା ପ୍ରତି ବିପଦ ସୃଷ୍ଟି କରିଛି। ନିଆଁ ହୁଳାକୁ ପରିତ୍ୟକ୍ତ ଭାବି ପକାଇ ଆସୁଥିବା ବେଳେ ଏଥିରେ ଥିବା ସ୍ୱଳ୍ପ ନିଆଁ କୁହୁଳି ଜଙ୍ଗଲ ନଷ୍ଟ କରୁଛି। ବିଶେଷକରି ଏପ୍ରିଲ ଓ ମେ ମାସରେ ସ୍ଥାନୀୟ ଜଙ୍ଗଲରୁ ମହୁ ସଂଗ୍ରହ ହେଉଛି। ୨୦୧୮ ଏପ୍ରିଲରେ ଏପରି ଏକ ଘଟଣାରେ ବରୁଣେଇ ଜଙ୍ଗଲର ୪ ଏକର ବନାଞ୍ଚଳ ପୋଡି ଯାଇଥିବା ଅନୁସନ୍ଧାନ ସମୟରେ ଜଣାପଡିଥିଲା। ଏହି ଅଞ୍ଚଳ ଜନମାନବ ଶୂନ୍ୟ ହୋଇଥିଲେ ମଧ୍ୟ ଅନୁସନ୍ଧାନ ସମୟରେ ଦିଆସିଲି ଖୋଳ ଓ ଅଖା ପଡିଥିବା ଦେଖାଯାଇଥିଲା। ସେହିପରି ମହାକାଳପଡା ବ୍ଲକ ଅଞ୍ଚଳରେ ଗତ ଦୁଇଟି ବନ ଅଗ୍ନିକାଣ୍ଡ ମହୁ ସଂଗ୍ରହ ପାଇଁ ହୋଇଥିବା ସ୍ଥାନୀୟ ଲୋକେ ଆଲୋଚନା କରିଥିଲେ। ନିଆଁ ହୁଳା ଲଗାଇ ମହୁ ସଂଗ୍ରହ ଦ୍ୱାରା ଏଥିରେ ମହୁମାଛିଙ୍କ ସଂଖ୍ୟା କମୁଛି। ମହୁମାଛିଙ୍କ ସୁରକ୍ଷା ଓ ମହୁ ସଂଗ୍ରହ ପାଇଁ ସ୍ଥାନୀୟ ଲୋକଙ୍କୁ ବନ ବିଭାଗ ପକ୍ଷରୁ ତାଲିମ ବ୍ୟବସ୍ଥା ହେବା ଆବଶ୍ୟକ। ଏହାଦ୍ୱାରା ଭିତରକନିକାର ଜଙ୍ଗଲି ମହୁ ବଜାରରେ ସୁଲଭ ମୂଲ୍ୟରେ ମିଳିପାରିବ। ବନ ବିଭାଗ ମଧ୍ୟ ଏଥିରୁ ଭଲ ରାଜସ୍ୱ ଆଦାୟ କରିପାରିବ। ପ୍ରାୟ ୫ ହଜାର ସ୍ଥାନୀୟ ଅଧିବାସୀ ଏଥିରେ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଡିଏଫ୍ଓ ବିକାଶ ରଞ୍ଜନ ଦାଶ କହିଛନ୍ତି, ନିଷିଦ୍ଧାଞ୍ଚଳରେ ମହୁ ସଂଗ୍ରହ ପାଇଁ ଅଦ୍ୟାବଧି କାହାରିକୁ ଅନୁମତି ଦିଆଯାଇନାହିଁ। ମହୁ ସଂଗ୍ରହ ପାଇଁ ତାଲିମ ବ୍ୟବସ୍ଥା ସମ୍ପର୍କରେ ଅନୁଧାନ କରାଯିବ ବୋଲି ଡିଏଫ୍ଓ ଦାଶ କହିଛନ୍ତି।

## ଘରଭଙ୍ଗା, ଫସଲ କ୍ଷତି ପୂରଣ ପାଇଁ ଦାବି

**ଡେରାବିଶ, ୨୦।୪(ସ୍ୱ.ପ୍ର.)**

ଡେରାବିଶ ତହସିଲ ଅଧୀନ ୨୬ଟି ପଞ୍ଚାୟତରେ ୨୦୧୮–୧୯ରୁ ହୋଇଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟ ଘରଭଙ୍ଗା ଓ ଫସଲ କ୍ଷୟକ୍ଷତି ପାଇଁ ସରକାରୀ ସହାୟତା ମିଳିନାହିଁ। ଏହାର ପ୍ରତିବାଦରେ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ କରାଯାଇଛି। ତହସିଲ ଅଞ୍ଚଳରେ ୨୦୧୮ରୁ ବିଭିନ୍ନ ସମୟରେ ସମ୍ମୁଖିନ ହୋଇଥିବା ବାତ୍ୟାରେ ବ୍ୟାପକ ଫସଲହାନୀ ହୋଇଥିଲା। ଏଥିସହ ଶତାଧିକ ଲୋକଙ୍କ ବାସଗୃହ ଓ ଗୁହାଳ ଘରର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ତହସିଲ କାର୍ଯ୍ୟାଳୟ, କୃଷି ବିଭାଗର କର୍ମଚାରୀ କ୍ଷୟକ୍ଷତିର ଆକଳନ କରି ସରକାରୀ ସହାୟତା ପାଇଁ ଜିଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ମାତ୍ର ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ବ୍ୟକ୍ତି କୌଣସି ସହାୟତା ପାଇ ନ ଥିବା ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ରରେ ଅଞ୍ଚଳର ଶତାଧିକ ଚାଷୀ ପ୍ରତ୍ୟେକ ଦିନ ତହସିଲ କାର୍ଯ୍ୟାଳୟକୁ ସରକାରୀ ସାହାଯ୍ୟ ପାଇଁ ଦୌଡି ନୟାନ୍ତ ହେଉଛନ୍ତି। ଡେରାବିଶ ତହସିଲଦାରଙ୍କ ମନମୁଖି କାର୍ଯ୍ୟ ପାଇଁ କ୍ଷତିଗ୍ରସ୍ତ ବ୍ୟକ୍ତି ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ସଂଘର ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ସମେତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ରାଜସ୍ୱ ବିଭାଗ କମିଶନର ଓ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ପ୍ରଦାନ କରାଯାଇଥିବା ସଂଘର ସମ୍ପାଦକ କୃତ୍ତିବାସ ଦାସ ସୂଚନା ଦେଇଛନ୍ତି।

## ବ୍ରାଉନସୁଗାର ବେପାର ସନ୍ଦେହରେ ୩ ବଖରା ପୋଡ଼ି



**ବାଲିକୁଦା,୨୦।୪(ସ୍ୱ.ପ୍ର.)**

ଅପରାଧ ଦୂର କରିବାକୁ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଲୋକେ ଆଇନ ହାତକୁ ନେବାକୁ ବାଧ ହେଉଛନ୍ତି। ଫଳରେ ବାଲିକୁଦା ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜୁଛି। ସୋମବାର ଏହି ଥାନା ଅଧୀନ ଅନନ୍ତପୁର ଫାଣ୍ଡି ସମ୍ମୁଖରେ ବାଇକ୍ ପୋଡ଼ା ଯାଇଥିଲା। ରାତିରେ ଅନନ୍ତପୁର ପଞ୍ଚାୟତର ଭୁଆସୁଣୀ ବଜାରରେ ୩ ବଖରା ନିଆଁରେ ଜଳିଯାଇଛି। ଉକ୍ତ ସ୍ଥାନରେ ପୂର୍ବରୁ ନିଶାଡ଼ିମାନେ ବସି ବ୍ରାଉନସୁଗାର ସେବନ କରୁଥିବା ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏଥିପାଇଁ କୌଣସି ଦୁର୍ବୃତ୍ତ ଉପରୋକ୍ତ ଦୋକାନରେ ନିଆଁ ଲଗେଇ ଦେଇଥିବା ଚର୍ଚ୍ଚା ହେଉଛି। ଅଗ୍ନିକାଣ୍ଡରେ ପବିତ୍ର ପରିଡ଼ାଙ୍କ ୨ ବଖରା ଗ୍ୟାରେଜ ଓ ସାକୁଲା ବେହେରାଙ୍କ ଜଳଖିଆ ଦୋକାନ ଜଳିଯାଇଛି। ନିଆଁରେ ଉଭୟ ଦୋକାନର ସମସ୍ତ ଆସବାବପତ୍ର ଜଳିପୋଡ଼ି ପାଉଁଶ ହୋଇଯାଇଛି। ବାଲିକୁଦା ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ବାଲିକୁଦା ଥାନା ଓ ଅନନ୍ତପୁର ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ସର୍ବେଶ୍ୱର ବେହେରା କହିଛନ୍ତି। ବ୍ରାଉନ୍‌ସୁଗାର ବେପାର କରୁଥିବା ସନ୍ଦେହ କରି ବ୍ରାହ୍ମଣଡିହିର କେତେଜଣ ଯୁବକ ସୋମବାର ଗାଁର ବାବୁ ପଣ୍ଡାଙ୍କ ଘରକୁ ଯାଇ ତାଗିଦ କରିଥିଲେ। ସେହି ସମୟରେ ପଣ୍ଡା ଓ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ୧୦ ଜଣ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ପଣ୍ଡାଙ୍କ ଘରକୁ ଯାଇଥିବା ଯୁବକମାନେ ଉତ୍ତ୍ୟକ୍ତ ହୋଇ ତାଙ୍କ ଘରୁ ଏକ ବାଇକ୍ ଉଠାଇ ଆଣି ଅନନ୍ତପୁର ଫାଣ୍ଡି ସମ୍ମୁଖରେ ପୋଡ଼ି ଦେଇଥିଲେ। ଏନେଇ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଥିଲା।

### ପୂର୍ବରୁ ଫାଣ୍ଡି ସମ୍ମୁଖରେ ବାଇକ୍ ପୋଡ଼ିଥିଲେ

# ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଚିଙ୍ଗୁଡି ଘେରି ଉଚ୍ଛେଦ

**ମହାକାଳପଡ଼ା,୨୦।୪ (ଡି.ଏନ୍.ଏ.)**



ପ୍ରଶାସନ ପକ୍ଷରୁ ସୁନୀତି ଅଞ୍ଚଳର ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଚାଲିଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ବେଆଇନ ଚିଙ୍ଗୁଡ଼ି ଘେରି ଅଧିକ ସଂଖ୍ୟାରେ ଚାଷ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁସାରେ ଏ ନେଇ ସ୍ଥାନୀୟ ଅଞ୍ଚଳର ଲୋକେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ, ଜିଲା ପ୍ରଶାସନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରିବାକୁ ତତ୍ପରତା ଦେଖାଇଛି। ବ୍ଲକ୍‌ର ସୁନୀତି ଅଞ୍ଚଳରେ ୫୦ରୁ ଅଧିକ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ପୂର୍ବରୁ ନୋଟିସ୍ ଘେରି ମାଲିକଙ୍କୁ ପ୍ରଦାନ କରାଯାଇଥିଲା। ଏ ନେଇ ମଙ୍ଗଳବାର ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ସୁନୀତି ଅଞ୍ଚଳର ଚାଷୀ ତପନ ଆଦକଙ୍କ ବେଆଇନ ସରକାରୀ ଜଙ୍ଗଲ ଜମିରେ ଚିଙ୍ଗୁଡି ଘେରି ଉଚ୍ଛେଦ ଅଭିଯାନ ଆରମ୍ଭ କରିଥିଲେ। ଏଭଳି

### ପଚାଶରୁ ଅଧିକ ଚାଷୀଙ୍କୁ ନୋଟିସ

ଅନେକ ସରକାରୀ ଜଙ୍ଗଲ ଜମିରେ ଚିଙ୍ଗୁଡି ଚାଷ ହେଉଛି। ଏହି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଅଭିଯାନ ୧୦ ଦିନ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଚାଲିବ ବୋଲି ତହସିଲଦାର ପଣ୍ଡା ସୂଚନା ଦେଇଛନ୍ତି। ଏହି ଘେରି ଉଚ୍ଛେଦ ଅଭିଯାନରେ ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ରଶ୍ମି ରଞ୍ଜନ ଦାସ, ସ୍ଥାନୀୟ ରାଜସ୍ୱ ସୁପରଭାଇଜର ଅଶୋକ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ମାନସ କୁମାର ନାଥଙ୍କ ସମେତ ତନ୍ତିଆପାଳ ସାମୁଦ୍ରିକ ଥାନା ପକ୍ଷରୁ ଏକ ପ୍ଲାଟୁନ୍ ଏପିଆର୍ ଫୋର୍ସ ମୁତୟନ ଥିଲେ। ଏ ନେଇ ସ୍ଥାନୀୟ ଚିଙ୍ଗୁଡ଼ି ଘେରି ମାଲିକଙ୍କ ମଧ୍ୟରେ କୋକୁଆଭୟ ଦେଖା ଦେଇଛି। କାରଣ ଏହି ସରକାରୀ ଜମିରେ ବ୍ୟବସାୟୀମାନେ ଦୀର୍ଘଦିନ ହେବ ବେଆଇନ ଚିଙ୍ଗୁଡ଼ି ଘେରି ନିର୍ମାଣ କରି ବିପୁଳ ଟଙ୍କା ଉପାର୍ଜନ କରିଛନ୍ତି। ଏଥିପାଇଁ ପରିବେଶ ଉପରକୁ ପ୍ରଭାବ ପଡୁଥିବା ପରିବେଶପ୍ରେମୀ ସମରେନ୍ଦ୍ର ମାହାଳି ମତବ୍ୟକ୍ତ କରିଛନ୍ତି। ଏହି ଘେରିଗୁଡିକ ନିକଟ କଣ୍ଟିଲୋ ସଂରକ୍ଷିତ ଜଙ୍ଗଲଠାରୁ ୫୦ ମିଟର ଦୂରରେ ନିର୍ମାଣ କରିଛନ୍ତି। ଫଳରେ ଏହି ଘେରିର ବର୍ଜ୍ୟବସ୍ତୁ ଓ ରାସାୟନିକ ଜଳ ଜଙ୍ଗଲ ନାଳରେ ନିଷ୍କାସିତ ହେଉଥିବା ସ୍ଥାନୀୟ ଚାଷୀମାନେ କହିଛନ୍ତି।

## ଓଡ଼ିଶା ଡ୍ରାଇଭର ମହାସଂଘର ବୈଠକ
## ସ୍ୱାସ୍ଥ୍ୟବୀମା, ପେନ୍‌ସନ୍ ଉପରେ ଗୁରୁତ୍ୱ

**ରଘୁନାଥପୁର, ୨୦।୪(ଡି.ଏନ୍.ଏ.)**

ଓଡ଼ିଶା ଡ୍ରାଇଭର ମହାସଂଘ ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ୪ ଦଫା ଦାବି ନେଇ ବୈଠକ ରଘୁନାଥପୁର ବ୍ଲକ ଜଇପୁରସ୍ଥିତ ବାଲିଖାତ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ଜିଲା ସଂଘର ମୁଖ୍ୟ ଚନ୍ଦ୍ରକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଦୁର୍ନୀତି ନିବାରଣ ବିଭାଗ ସଦସ୍ୟ ଦେବେନ୍ଦ୍ର କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟରତ ଡ୍ରାଇଭରଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଓ ୬୦ବର୍ଷ ପରେ ପେନସନ ଯୋଗାଇ ଦେବା ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରିଥିଲା। ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗଦେଇ କାର୍ଯ୍ୟରତ ଡ୍ରାଇଭରଙ୍କ ଆକସ୍ମିକ ମୃତ୍ୟୁ ଘଟିଲେ ପରିବାରକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ପ୍ରସ୍ତାବ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଖୋର୍ଦ୍ଧା ଜିଲା ଡ୍ରାଇଭର ସଂଘ କର୍ମକର୍ତ୍ତା ପ୍ରକାଶ ମହାରଣା, ସରୋଜ ଦାସ ଓ ଆଶିଷ କୁମାର, ବାଦଲ ଯୋଗାଣିଆ, କୃଷ୍ଣଚନ୍ଦ୍ର ଦାସ ଯୋଗଦେଇଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତା ଚୟନ ହୋଇଥିଲା। ସଭାପତି ଭାବେ ଦିଲୀପ କୁମାର ମହାନ୍ତି, ଉପସଭାପତି ଚନ୍ଦ୍ରକାନ୍ତ ଦାସ, ସମ୍ପାଦକ ସୁଜନ ଦାସ ଓ ସହସମ୍ପାଦକ ଭାବେ ମୋନାଲିସା ମଲ୍ଲିକ ମନୋନୀତ ହୋଇଥିଲେ। ଦିଲୀପ କୁମାର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ଦେୟ ବୃଦ୍ଧି ପ୍ରତ୍ୟାହାର ଦାବି

**ପାଣିକୋଇଲି,୨୦।୪(ଡି.ଏନ.ଏ.)**

ବୃଦ୍ଧି କରାଯାଇଥିବା ବିଦ୍ୟୁତ୍ ଦେୟ ପ୍ରତ୍ୟାହାର, ବିଦ୍ୟୁତ ବ୍ୟବସାୟରୁ ଘରୋଇ କମ୍ପାନୀକୁ ଅପସାରଣ, ଦିଲ୍ଲୀ ପରି ୨ଶହ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ, ଟିଟିପିଏସ୍ ବନ୍ଦ କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବାତିଲ ଆଦି ଦାବିରେ ନୋସ୍କୋ ଉପଭୋକ୍ତା ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯିବାକୁ ସ୍ଥିର ହୋଇଥିଲା। କରୋନା କଟକଣା ଯୋଗୁ ବିକ୍ଷୋଭ ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ପାଣିକୋଇଲି ବିଦ୍ୟୁତ୍ ଉପଖଣ୍ଡରେ ଏସ୍‌ଡିଓଙ୍କ ଅନୁପସ୍ଥିତିରେ କନିଷ୍ଠଯନ୍ତ୍ରୀଙ୍କୁ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଗଣେଶ ସାହୁ, ନିର୍ମଳ ରଥ, ସୁରେଶ ସାହୁ, ଅଭୟ ଓଝା, ପ୍ରତ୍ୟୁଷ ସାହୁ, ବ୍ରହ୍ମାନନ୍ଦ ବାରିକ, ଅନନ୍ତ ସାହୁ, ସୁବ୍ରତ ଜେନା, ମାଧବ କୁଣ୍ଡୁ ପ୍ରମୁଖ ଯୋଗଦେଇ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ତୀବ୍ର କରିବାକୁ ଚେତାବନୀ ଦିଆଯାଇଛି।

## ୭ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

**ପାରାଦୀପ, ୨୦।୪(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ସେ ହେଲେ ଏହି ଥାନା ଅନ୍ତର୍ଗତ ଦିଲୀପ ଖଟୁଆ। ବିବାହ କରିବା ସର୍ତ୍ତେ ଦିଲୀପ ୨୦୧୪ରେ ଜଣେ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ସମ୍ପୃକ୍ତା ଯୁବତୀ ଗର୍ଭବତୀ ହେବାରୁ ବିବାହ ପାଇଁ ଜିଦ୍ କରିଥିଲେ। ସେତେବେଳେ ଦିଲୀପ ତାଙ୍କୁ ଛାଡ଼ି ତାମିଲନାଡ୍ରୁ ଚାଲିଯାଇଥିଲେ। ଏନେଇ ପୀଡ଼ିତା ୩ ଫେବୃୟାରୀ ୨୦୧୪ରେ ଲକ୍ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ମାମଲା (ନଂ.୫୬/୧୪) ରୁଜୁ ହୋଇଥିଲା। ମାତ୍ର ଅଭିଯୁକ୍ତଙ୍କୁ ପୋଲିସ ଧରି ପାରି ନ ଥିଲା। ଏବେ ସମ୍ପୃକ୍ତା ଯୁବତୀଙ୍କ ୭ ବର୍ଷର ଏକ କନ୍ୟା ସନ୍ତାନ ରହିଛି। ମଙ୍ଗଳବାର ଦିଲୀପ ଗାଁକୁ ଫେରିଥିଲେ। କୌଣସି ସୂତ୍ରରୁ ପୋଲିସ ଏହା ଜାଣିପାରି ତାଙ୍କୁ ଗିରଫ କରିଛି।

## କୋଭିଡ୍ ଯାଞ୍ଚ କଡ଼ାକଡ଼ି, ଜରିମାନା ଆଦାୟ

**ରାଜନଗର, ୨୦।୪ (ଡି.ଏନ.ଏ.)**

କରୋନା ଦ୍ୱିତୀୟ ଲହରକୁ ଆଖି ଆଗରେ ରଖି ରାଜନଗର ପୋଲିସ ପକ୍ଷରୁ ଯାଞ୍ଚ କଡାକଡି ସହ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ରାଜନଗର ବଜାର, ତ୍ରିନାଥ ବଜାର, ଗୋପାଳପୁର ବଜାର ସମେତ ରାଜନଗର ପୋଲ ନିକଟରେ ମାସ୍କ ବ୍ୟବହାର କରୁ ନ ଥିବା ଅମାନିଆଙ୍କୁ ଓ କୋଭିଡ ନିୟମକୁ ଉଲ୍ଲଘଂନ କରୁଥିବା ବ୍ୟବସାୟୀଙ୍କ ଉପରେ ମଧ ପୋଲିସ ଯାଞ୍ଚ କଡାକଡି କରିଛି। ଅମାନିଆ ବ୍ୟବସାୟୀ ଓ ନିୟମ ଉଲ୍ଲଘଂନ କରୁଥିବା ବ୍ୟକ୍ତିଙ୍କଠାରୁ ୨ ଦିନରେ ପୋଲିସ ୧୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଏହି ଯାଞ୍ଚ ପ୍ରକ୍ରିୟାରେ ରାଜନଗର ତହସିଲଦାର ଭୋଳାନାଥ ସେଠୀ, ଆଇଆଇସି ତପନ କୁମାର ନାୟକ, ବିଭୂପ୍ରସାଦ ରାଉତ, ବିଜୟ କୁମାର ବରାଳ, ଅଜୟ କୁମାର ସାହୁ ପ୍ରମୁଖ ସାମିଲ ହୋଇ ଲୋକମାନଙ୍କୁ ସଚେତନ କରାଉଛନ୍ତି। ସେହିପରି ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଆଇଆଇସି ଶ୍ରୀକାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ଏକ ଟିମ ତାଳଚୁଆ ଅଞ୍ଚଳରେ ଅମାନିଆମାନଙ୍କଠାରୁ ୯ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ଜାତୀୟ ରାଜପଥ କଡ଼ରେ ଚୋରା ରଡ୍ କାରବାର ବୃଦ୍ଧି

**ଚଣ୍ଡିଖୋଲ,୨୦।୪(ଡି.ଏନ୍.ଏ.)**

କଟକ ଟାଙ୍ଗୀ ଅଞ୍ଚଳରୁ ଆସୁଥିବା ଲୁହା ରଡ୍ ବୋଝେଇ ଟ୍ରେଲରଗୁଡ଼ିକରୁ ବ୍ୟାପକ ଲୁହାରଡ଼ ଚୋରି ହେଉଛି। ୫୩ ନଂ. ଜାତୀୟ ରାଜପଥର ଶ୍ରୀରାମପୁର ଟୋଲଗେଟ୍ ନିକଟରେ ଏହିଭଳି ଚୋରାକାରବାର ଚାଲୁଥିବା ଅଭିଯୋଗ ହୋଇଛି। ବାହାରୁ ଆସୁଥିବା ଟ୍ରେଲରଗୁଡ଼ିକ ପାରାଦୀପ ଅଭିମୁଖେ ଲୁହାରଡ଼ ନେଇ ଯାଉଥିବାବେଳେ ସେଥିରୁ କେତେ ପରିମାଣର ରଡ୍‌କୁ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ କାଢ଼ି ନେଉଛନ୍ତି। ଏଥିରେ ଟ୍ରେଲର ଡ୍ରାଇଭରମାନେ ସାମିଲ ରହୁଛନ୍ତି। ଡ୍ରାଇଭରମାନଙ୍କୁ ହାତକରି ଏହି ଲୁହାରଡ଼ ଚୋରା ବ୍ୟବସାୟ ଦୈନିକ ରାତ୍ରିରେ ଚାଲୁଛି। ଏଥିପ୍ରତି ପୋଲିସ୍ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ୧୬ନଂ. ଜାତୀୟ ରାଜପଥର ବନ୍ଦାଳ ନିକଟରେ ପୂର୍ବରୁ କାମ କରୁଥିବା ଏକ କନ୍‌ଷ୍ଟ୍ରକସନ କମ୍ପାନୀ କାର୍ଯ୍ୟାଳୟ ନିକଟରେ ଏହି ଚୋରା କାରବାର ଚାଲୁଥିଲା। ବଡ଼ଚଣା ପୋଲିସ ମାର୍ଚ୍ଚ ୧୪ରେ ଚଢ଼ାଉ କରି ସମ୍ପୃକ୍ତ ସ୍ଥାନରୁ ଚୋରା ରଡ୍ କାରବାର କରୁଥିବା ଦୁଇଟି ଟ୍ରେଲରକୁ ଧରିବା ସହ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଚଢ଼ାଉ ହେବା ଫଳରେ ସମ୍ପୃକ୍ତ ଲୁଟେରା ସ୍ଥାନ ଛାଡ଼ି ଅନ୍ୟ ସ୍ଥାନକୁ ବାଛି ନେଇଛନ୍ତି। ଅନ୍ୟପକ୍ଷରେ ଯେଉଁ ସ୍ଥାନରେ କାରବାର ହେଉଛି ତାହା ଧର୍ମଶାଳା ଅଞ୍ଚଳର। ସେଥିପାଇଁ ଆମେ ଚଢ଼ାଉ କରିପାରୁନାହୁଁ ବୋଲି ବଡ଼ଚଣା ପୋଲିସ ପକ୍ଷରୁ କୁହାଯାଇଛି। ତେଣୁ ଧର୍ମଶାଳା ଥାନା ପୋଲିସ ଏ ଦିଗରେ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

# ଚାଟରାଚକଡାରେ ମା' ବାସନ୍ତୀଙ୍କ ପୂଜା



ବାସନ୍ତୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା ଚାଲିଛି।

**ଡେରାବିଶ, ୨୦।୪(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଚାଟରାଚକଡାଠାରେ ଥିବା ମା' ବାସନ୍ତୀଙ୍କ ପୀଠରେ ସୋମବାରଠାରୁ ଆରମ୍ଭ ହୋଇଛି ମା' ବାସନ୍ତିକ ଦୁର୍ଗାପୂଜା। ମଙ୍ଗଳବାର ଏହି ପୀଠରେ ଅନୁଷ୍ଠିତ ହୋଇଥିଲା ମା'ଙ୍କ ମହାଅଷ୍ଟମୀ ପୂଜା ହୋଇଛି। ତେବେ କରୋନା କଟକଣାକୁ ଦୃଷ୍ଟିରେ ରଖି ମନ୍ଦିର କମିଟି ପକ୍ଷରୁ କେବଳ ମା'ଙ୍କ ନୀତିକାନ୍ତି ହେଉଛି। କେନ୍ଦ୍ରାପଡ଼ା ଜିଲାର ପ୍ରସିଦ୍ଧ ମା'ଙ୍କ ପୂଜା ଏବଂ ଏହି ପୀଠର ଅଲୌକିକତାକୁ ନେଇ ଶ୍ରଦ୍ଧାଳୁଙ୍କ ପାଇଁ ଭକ୍ତି ଓ ବିଶ୍ୱାସର ପୀଠ ଭାବେ ପରିଚିତ ରହିଛି। ଜନଶ୍ରୁତି ଅନୁଯାୟୀ ମୟୂରଭଞ୍ଜରେ ଅବସ୍ଥାନ କରୁଥିବା ଚାଟରା ଗ୍ରାମର ହରିହର ମହାନ୍ତି ନିଜ ଗ୍ରାମକୁ ଆସିଥିବା ସମୟରେ ମା' ବାସନ୍ତୀ ଦୁର୍ଗା ତାଙ୍କ ସହ ଆସିଥିଲେ। ଏ ବିଷୟରେ ହରିହର ଜାଣି ନ ଥିଲେ ମଧ୍ୟ ଗ୍ରାମର ଶ୍ୟାମସୁନ୍ଦର ମହାନ୍ତି ନାମକ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ମା'ଙ୍କର ସ୍ୱପ୍ନାଦେଶ ପରେ ଚୈତ୍ର ମାସରେ ବାସନ୍ତୀକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ଘନ ଜଙ୍ଗଲ ପୂର୍ଣ୍ଣଥିବା ଏହି ପୀଠରେ ଥିବା ବରଗଛ କୋରଡରେ ଥିବା ଏକ ବାଘ ନିକଟରେ ଅଞ୍ଚଳବାସୀ ନିଜର ମନୋକାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କଲେ ତାହା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଏପରିକି ଏହି ଅଂଚଳର ବିଭିନ୍ନ ପର୍ବ ପର୍ବାଣୀରେ ବାଘକୁ ନିମନ୍ତ୍ରଣ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରକୁ ବାଘ ଯାଇ ନିମନ୍ତ୍ରଣ ରକ୍ଷା କରିବା ଏବେବି ଜନଶ୍ରୁତିରେ ଅଛି। ତେବେ ମା'ଙ୍କ ନିକଟରେ ବ୍ରତଧାରୀ ଶ୍ରଦ୍ଧାଳୁ ମହିଳାଙ୍କ ସମେତ ଅଳ୍ପ ସଂଖ୍ୟକ ଶ୍ରଦ୍ଧାଳୁ ନିଜ ଭିତରେ ସାମାଜିକ ଦୂରତା ରଖି ମା'ଙ୍କୁ ଦର୍ଶନ କରିଥିଲେ। ପୂର୍ବରୁ ଏଠାରେ ଦିଆଯାଉଥିବା ଶତାଧିକ ସଂଖ୍ୟାରେ ବୋଦା ବଳିକୁ ରୋକାଯାଇ ଦୀର୍ଘ ଚାରି ଦଶନ୍ଧି ହେବ ବଳିର ପ୍ରତୀକ ସ୍ୱରୂପ ଏକ ମାନସିକ ବୋଦାର କାନରୁ ଟିକିଏ ରକ୍ତ ନିଆଯାଇ ମା'ଙ୍କୁ ସମର୍ପଣ କରାଯାଉଥିବା ପୂଜା କମିଟିର ସଭାପତି ହେମନ୍ତ କୁମାର କର ସୂଚନା ଦେଇଛନ୍ତି। ବୋଦା ପରିବର୍ତ୍ତେ ପାଣିକଖାରୁ ବଳି ଦିଆଯିବାର ପରମ୍ପରା ରହିଛି। ଏଥିସହ ମହା ସପ୍ତମୀ ପୂଜା ଦିନଠାରୁ ସ୍ଥାନୀୟ ୧୦ ଖଣ୍ଡ ଗାଁରେ ଲୋକମାନେ ହବିଷ ଭକ୍ଷଣ କରିବା ସହ ଅଷ୍ଟମୀ ତିଥିରେ ସମ୍ପୃକ୍ତ ଗାଁର ମହିଳା ଓ ଝିଅମାନେ ଉପବାସ କରିଥାନ୍ତି। ଚଳିତବର୍ଷ ଏହି ପୂଜାକୁ ସମ୍ପାଦକ ଲକ୍ଷ୍ମୀକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ଅରଜିତ ମିଶ୍ର, ରଜନିକାନ୍ତ ମହାନ୍ତି, ସୁଶାନ୍ତ ମହାନ୍ତି, ରମେଶ ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

## ବାସନ୍ତିକ ଦୁର୍ଗାପୂଜା

**ମହାକାଳପଡ଼ା,୨୦।୪ (ଡି.ଏନ.ଏ.)**



ବ୍ଲକ ଅଧୀନ ଜମ୍ବୁ ପଞ୍ଚାୟତ ଭାଟେଣୀ ଗାଁରେ ୭୨ ତମ ବାର୍ଷିକ ଚୈତ୍ର ବାସନ୍ତିକ ଦୁର୍ଗା ପୂଜାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି।

ମହାକାଳପଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ କରୋନା କଟକଣା ଓ ସମ ଦୂରତା ରକ୍ଷା କରାଯାଇ ଚୈତ୍ର ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ମଙ୍ଗଳବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ମା'ଙ୍କ ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଖୁବ୍‌କମ୍ ଦେଖିବାକୁ ମିଳୁଛି। କାରଣ କୋଭିଡ କଟକଣାକୁ ନେଇ ସ୍ଥାନୀୟ ପୋଲିସ ପୂଜା ପରିଚାଳନା କମିଟିଙ୍କୁ ତାଗିଦ୍ କରିଛନ୍ତି। ତେବେ ପୂଜା ମଣ୍ଡପରେ ପଣ୍ଡିତମାନଙ୍କ ଚଣ୍ଡୀ ପାଠ ଚାଲିଛି। ପୂର୍ବବର୍ଷ ପରି ଚଳିତବର୍ଷ ପୂଜା ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ସମାଗମ ନ ଥିବା ଦେଖିବାକୁ ମିଳୁଛି। ସେହିପରି ଏହି ବାସନ୍ତିକ ପୂଜା ନନ୍ତାର, ଭାଟେଣି, ପାତ୍ରଗଡ, ବାବର, ଓଳିଆ ଦେଉଳିପଡ଼ା, କିଆରବାଙ୍କ, ରାମନଗର ଓ ଖରିନାଶୀ ଆଦି ଅଞ୍ଚଳରେ ହେଉଛି।

## ସଂକ୍ଷେପରେ

### ଶେରଗଡ଼ରେ ନୂତନ ବିଡିଓଙ୍କ ଯୋଗଦାନ

ଶେରଗଡ଼,୨୦।୪(ଡି.ଏନ୍.ଏ.) ଶେରଗଡ଼ ବ୍ଲକରେ ନୂତନ ବିଡିଓ ଭାବେ ଶମ୍ଭୁନାଥ ନନ୍ଦି କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ଏହା ପୂର୍ବରୁ ପୋଲସରାର ବିଡିଓ ଥିଲେ। ଶେରଗଡରେ ପୂର୍ବରୁ ଥିବା ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ପୋଲସରାକୁ ବଦଳି ହୋଇଛି। ଶେରଗଡରେ ନୂତନ ବିଡିଓ ନନ୍ଦି ଦାୟିତ୍ୱ ନେବା ପରେ କର୍ମଚାରୀମାନଙ୍କୁ ନେଇ ଏକ ବୈଠକ କରିଥିଲେ। ବ୍ଲକର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ପରିଚାଳନା କରିବାନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ମେ ୧୫ ଯାଏ କୋର୍ଟ କାର୍ଯ୍ୟ ବନ୍ଦ

ପୁରୁଷୋତ୍ତମପୁର,୨୦।୪(ଡି.ଏନ.ଏ.) କରୋନାର ଦ୍ୱିତୀୟ ଲହର ବୃଦ୍ଧି ପାଉଥିବାରୁ ପୁରୁଷୋତ୍ତମପୁର ଓକିଲ ସଂଘ ପକ୍ଷରୁ ଆସନ୍ତା ମେ ୧୫ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବନ୍ଦ କରାଯାଇଛି। ଏନେଇ ଏକ ଜରୁରୀ ବୈଠକ ସଭାପତି କେଦାରନାଥ ପଟ୍ଟନାୟକଙ୍କ ପୌରୋହିତ୍ୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସହସମ୍ପାଦକ ପାଣ ବେହେରା, ବରିଷ୍ଠ ଓକିଲ ଉପେନ୍ଦ୍ର ପଣ୍ଡା, ଗୌରିଶଙ୍କର ରାଉଳ, ପ୍ରଭାତ କୁମାର ପଟ୍ଟନାୟକ, ସୀମାଞ୍ଚଳ ମିଶ୍ର, ବାସୁଦେବ ଜେନା, ଅକ୍ଷୟ କୁମାର ବେହେରା, ଅଶୋକ କୁମାର ମହାକୁଡ, ଦୟାନିଧି ପଣ୍ଡାଙ୍କ ସମେତ ବହୁ ଓକିଲ ଯୋଗଦେଇ ଏପ୍ରିଲ ୨୦ରୁ ଆସନ୍ତା ମେ ୧୫ ତାରିଖ ପର୍ଯ୍ୟନ୍ତ କୋର୍ଟ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ନେଇ ଓକିଲ ସଂଘ ପକ୍ଷରୁ ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଦିଲ୍ଲୀପ କୁମାର ବାରିକଙ୍କୁ ଲିଖିତ ଭାବେ ଜଣାଇଥିବା ବେଳେ ଏହାକୁ ବିଚାରପତି ଗ୍ରହଣ କରିଥିବା ସମ୍ପାଦକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ କହିଛନ୍ତି।

### ଶତାୟୁ ମହିଳାଙ୍କ ପରଲୋକ

ଆସିକା,୨୦।୪(ଡି.ଏନ୍.ଏ.) ଆଜାଦ ହିନ୍ଦ୍ ଫୌଜର ସକ୍ରିୟ ସଦସ୍ୟ ସ୍ୱର୍ଗତ ଜୟ ମହାରାଣାଙ୍କ ଧର୍ମପତ୍ନୀ କୌତୁକି ମହାରଣାଙ୍କ ସୋମବାର ସକାଳେ ଆସିକା ବ୍ଲକ ମୁନିଗାଡିସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୧୦୭ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବରପାଇ ମୁନିଗାଡି ସରପଞ୍ଚ ମନୋଜ କୁମାର ପୋଲାଇ, ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ବଂଶୀଧର ଗୌଡ, ଭଞ୍ଜ କିଶୋର ଗୌଡ, ରତ୍ନାକର ସାହୁ, ବାଳକୃଷ୍ଣ ସାବତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସନ୍ଧ୍ୟାରେ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଛି।

ଖବରଦାତାଙ୍କ ବିୟୋଗ

### ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ

ଶେରଗଡ଼,୨୦।୪(ଡି.ଏନ୍.ଏ.): ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ଅଞ୍ଚଳର ଜଣେ ବରିଷ୍ଠ ଖବରଦାତାଙ୍କ ମଙ୍ଗଳବାର ବିୟୋଗ ହୋଇଛି। ସେ ହେଲେ ସେରାକୁଣ୍ଡା ଗ୍ରାମର କରୁଣାକର ସାହୁ (୫୩)। କରୁଣାକର କିଛିଦିନ ତଳେ ଶେରଗଡ଼ ଡାକ୍ତରଖାନାରେ ସ୍ୱାବ ପରୀକ୍ଷା କରାଇଥିଲେ। ରିପୋର୍ଟ ପଜିଟିଭ୍ ଆସିଥିଲା। ତେଣୁ ସେ ଘରେ ସଙ୍ଗରୋଧରେ ରହିଥିଲେ ବୋଲି ପରିବାର ଲୋକେ କହିଛନ୍ତି। ମଙ୍ଗଳବାର ହଠାତ୍ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ କରୁଣାକରଙ୍କୁ ହିଞ୍ଜିଳିକାଟୁ ଡାକ୍ତରଖାନାକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ପହଞ୍ଚିବା ପରେ ଶେରଗଡ ପ୍ରେସ କ୍ଲବ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ସନ୍ଧ୍ୟାରେ ମୃତ କରୁଣାକରଙ୍କ ପରିବାରକୁ ଶେରଗଡ଼ ତହସିଲଦାର ଡ.ଦୟାସିନ୍ଧୁ ପରିଡା ଓ ପୂର୍ବତନ ବିଡିଓ ସୁରଞ୍ଜନ କୁମାର ସାହୁ ଭେଟି ୨୫ ହଜାର ଟଙ୍କା ପ୍ରଦାନ କରିଛନ୍ତି।

### ବ୍ୟବସାୟୀଙ୍କ ଆତ୍ମହତ୍ୟା

ବୁଗୁଡ଼ା,୨୦।୪(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ ଛକ ନିକଟରେ ହୋଲସେଲ ଷ୍ଟେଶନାରୀ ଦୋକାନ କରିଥିବା ଗାଙ୍ଗପୁର ଥାନା ଅନ୍ତର୍ଗତ ପାଇଲିପଡ଼ା ଗ୍ରାମର ପୀତାମ୍ବର ସାହୁ ଛାତ ହୁକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ବୁଗୁଡ଼ା ଥାନା ଏସ୍ଆଇ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଥିଲେ। ଏ ନେଇ ନଂ.୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ପୀତାମ୍ବରଙ୍କ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଏକତରଫା ପ୍ରେମରୁ ସେ ଏପରି କରିଥିବା ଚର୍ଚ୍ଚା ହେଉଛି।

# ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ

## ଅନୁଧ୍ୟାନ କଲେ ଜିଲ୍ଲାପାଳ, ଜିଲାରେ ଆଉ ୪୯ ପଜିଟିଭ

ଛତ୍ରପୁର,୨୦।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ମଙ୍ଗଳବାରଠାରୁ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସ୍କ୍ରିନିଂ ଆରମ୍ଭ ହୋଇଛି । ପରିବାରର ସମସ୍ତ ସଦସ୍ୟଙ୍କ ଥର୍ମାଲ ସ୍କ୍ରିନିଂ ଓ ଅକ୍ସିମିଟରରେ ଅକ୍ସିଜେନସ୍ତର ଯାଞ୍ଚ କରାଯାଉଛି। ଏଥିସହ ସମସ୍ତଙ୍କୁ କୋଭିଡ୍ ସହାୟତା, ଟେଲି ମେଡ଼ିସିନ ଓ ସ୍ୱାବ ପରୀକ୍ଷା ସହାୟତା ନମ୍ବର ସମ୍ପର୍କରେ ଅବଗତ କରାଯାଉଛି। ଏଏନ୍ଏମ୍, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଏହି କାର୍ଯ୍ୟ ତୁଲାଉଛନ୍ତି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଛତ୍ରପୁର ବ୍ଲକ କଣମଣା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମର ଅନୁଧ୍ୟାନ କରିଥିଲେ। ଏହି ସମୟରେ ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ସିଡିପିଓ କ୍ରିଷ୍ଣା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ସ୍କ୍ରିନିଂ ବେଳେ ଯାହାର ଲକ୍ଷଣ ଦେଖାଯାଉଛି ତାଙ୍କୁ କରୋନା ଟେଷ୍ଟ ପାଇଁ ପରାମର୍ଶ ଦିଆଯାଉଛି। କେହି ଲକ୍ଷଣ ନ ଲୁଚାଇବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି । ସମସ୍ତ ବ୍ଲକ ଓ ଏନଏସିସ୍ତରରେ କୋଭିଡ୍ ସହାୟତା କେନ୍ଦ୍ର ଖୋଲାଯାଇଥିବା ବେଳେ ଏହାର ନମ୍ବର ଜିଲ୍ଲାପାଳ ଟୁଇଟ୍‌ରରେ ଜାରି କରିଛନ୍ତି। ଏଥିସହ ଟେଷ୍ଟିଙ୍ଗ ସେଣ୍ଟରର ମଧ ବ୍ଲକସ୍ତରର ଠିକଣା ଓ ନମ୍ବର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଟୁଇଟ ସହ ଅବଗତ କରାଯାଉଛି।



କଣମଣା ପଞ୍ଚାୟତରେ ଜିଲାପାଳ ଅନୁଧ୍ୟାନ କରୁଛନ୍ତି ।

ଜିଲାରେ ଆଉ ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ମଙ୍ଗଳବାର ସୂଚନର ଦିଆଯାଇଛି। ସେହିପରି ୩୧ ଜଣ ସୁସ୍ଥ ମଧ ହୋଇଛନ୍ତି । ବର୍ତ୍ତମାନ ଜିଲାରେ ୩୯୦ ସକ୍ରିୟ କରୋନା ଆକ୍ରାନ୍ତ ଅଛନ୍ତି । ସୋମବାର ଜିଲ୍ଲାରେ ୨ ହଜାର ୩୦ ଜଣଙ୍କ କୋଭିଡ଼ ଟେଷ୍ଟ ହୋଇଥିଲା। ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବ୍ରହ୍ମପୁର ସହରରୁ ସର୍ବାଧିକ ୨୦ ଜଣ ଥିବାବେଳେ ଆସିକା, ବେଲଗୁଣ୍ଠା, ଚିକିଟି, ଦିଗପହଣ୍ଡି, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, ରଙ୍ଗେଇଲୁଣ୍ଡା ଓ ସୋରଡ଼ାରୁ ୨ ଜଣ ଲେଖାଏ, ବୁଗୁଡ଼ାରୁ ୩ ଜଣ, ଭଞ୍ଜନଗର, ଗଞ୍ଜାମ, କୁକୁଡାଖଣ୍ଡି, ପାତ୍ରପୁର ଓ ଶେରଗଡ଼ରୁ ଜଣେ ଲେଖାଏ ଏବଂ ଅନ୍ୟ ସ୍ଥାନର ୫ ଜଣ ଅଛନ୍ତି। ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଗତ ୨୪ ଘଣ୍ଟା ମଧ୍ୟରେ ଅମାନିଆ ଓ କୋଭିଡ୍ ନିୟମ ଖିଲାପକାରୀଙ୍କଠାରୁ ୩ ଲକ୍ଷ ୪ ହଜାର ୩୦୦ ଟଙ୍କା ଜରିମାନା ଆଦାୟ ହୋଇଥିବା ଏସ୍‌ପି ବ୍ରିଜେଶ କୁମାର ରାଏ ଟୁଇଟ କରି ସୂଚନା ଦେଇଛନ୍ତି । ଏଥିସହ ୨ଜଣ ଅମାନିଆଙ୍କର ଡ୍ରାଇଭିଂ ଲାଇସେନ୍ସ ଜବତ କରାଯାଇଛି। ବେଆଇନ ମଦ କାରବାର ଉପରେ ଚଢାଉ କରାଯାଇ ୬ ଜଣଙ୍କୁ ଗିରଫ କରାଯିବା ସହ ୧୨୧.୨ ଲିଟର ମଦ ଜବତ ହୋଇଛି।

# ହତ୍ୟାକାରୀ ଗିରଫଦାବି ଜୋର୍ ଧରିଲା

## ଧୁଷୁମା ମାୟା ହତ୍ୟା ଘଟଣା

■ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ନୟାଗଡ଼ ଅଫିସ,୨୦।୪

ନୟାଗଡ଼ ଜିଲା ଶରଣକୁଳ ଥାନା ଧୁଷୁମାରେ ମାୟା ଭୂୟାଁ ନାମକ ଜଣେ ମହିଳାଙ୍କୁ ହତ୍ୟା କରାଯିବାର ୭ମାସ ବିତିଛି। ହେଲେ ପୋଲିସ ହତ୍ୟାକାରୀଙ୍କୁ ଗିରଫ କରୁ ନ ଥିବାରୁ ମୃତକଙ୍କ ପରିବାର ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇ ନୟାଗଡ଼ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ହତ୍ୟାକାରୀଙ୍କୁ ଗିରଫ କରାଯିବାର ପ୍ରତିଶ୍ରୁତି ମିଳିବା ପରେ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଧାରଣା ଅପରାହ୍ନ ୨ଟାରେ ପ୍ରତ୍ୟାହାର ହୋଇଛି।

ଅଭିଯୋଗ ଅନୁସାରେ ଧୁଷୁମାର ପ୍ରଫୁଲ୍ଲ ଭୂୟାଁଙ୍କ ସ୍ତ୍ରୀ ମାୟାଙ୍କଠାରୁ ସେହି ଗାଁର ବିରେନ୍ଦ୍ର ଓ ମମତା ଜେନା ୩ ଲକ୍ଷ୮୭ ହଜାର ଟଙ୍କା ଧାର ନେଇଥିଲେ। ହେଲେ ଟଙ୍କା ପରିଶୋଧ କଲେ ନାହିଁ। ଏନେଇ ଉଭୟ ପରିବାର ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହୋଇ ଆସୁଥିଲା। ୨୦୨୦ ସେପ୍ଟେମ୍ବର ୨୩ରେ ମାୟା ଟଙ୍କା ମାଗିବାକୁ ଯାଇ ଆଉ ଫେରି ନ ଥିଲେ। ତା'ପରଦିନ ବିରେନ୍ଦ୍ରଙ୍କ ଛାତ ଉପରୁ ମାୟାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିଲା। ପୋଲିସ ୩୦୨, ୩୪ ଆଇପିସି ଦଫାରେ ଏକ ମାମଲା(ନଂ.୧୦୦/୨୦)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ପୁଅ ପ୍ରକାଶ ଚନ୍ଦ୍ର ଭୂୟାଁ କୁହନ୍ତି, ମୋ ମା'ଙ୍କୁ ହତ୍ୟା କରି ଛାତରେ ଟାଙ୍ଗି ଦିଆଯାଇଥିଲା। ଏହି ଘଟଣାକୁ ଲୁଚାଇବାକୁ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ ହୋଇଥିଲା। ଏବେବି ଏହାକୁ ଆତ୍ମହତ୍ୟା କହି ପୋଲିସ ପଦକ୍ଷେପ ଗ୍ରହଣ କରୁନାହିଁ। ହତ୍ୟାକାରୀଙ୍କୁ ଗିରଫ କରାଯାଉନାହିଁ। ୭ଦିନ ଭିତରେ ହତ୍ୟାକାରୀ ଗିରଫ ହେବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେବା ପରେ ଆମେ ଆନ୍ଦୋଳନକୁ ପ୍ରତ୍ୟାହାର କରିଛୁ ବୋଲି ସେ କହିଛନ୍ତି।



ନୟାଗଡ଼ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଗ୍ରାମବାସୀ।

# ଶ୍ରୀରଘୁନାଥଜୀଉଙ୍କ ନବ ଯୌବନ ଦର୍ଶନ କଲେ ଶ୍ରଦ୍ଧାଳୁ

ଓଡ଼ଗାଁ, ୨୦।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉ ମଙ୍ଗଳବାର ଅଶୋକାଷ୍ଟମୀ ଅବସରରେ ନବଯୌବନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ

## ଆଜିଠୁ ଦର୍ଶନ ବନ୍ଦ

ଦେଇଛନ୍ତି। କରୋନା ମହାମାରୀ ଦୃଷ୍ଟିରୁ ବୁଧବାରଠାରୁ ନବଦିନ ବ୍ୟାପୀ ହେବାକୁ ଥିବା ଶ୍ରୀରାମ ନବମୀ ଯାତ୍ରାରେ ଭକ୍ତଙ୍କୁ ମନ୍ଦିର ପ୍ରବେଶ ବାରଣ କରାଯାଇଛି। କେତେଜଣ ସେବାୟତଙ୍କ ପ୍ରତିବାଦ ସତ୍ତ୍ୱେ ପ୍ରଶାସନ ତରଫରୁ ମନ୍ଦିରକୁ ଚାରିଆଡୁ ସିଲ କରାଯାଉଛି। ଏଥି ନିମନ୍ତେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ। ଶ୍ରଦ୍ଧାଳୁଙ୍କୁ ମନ୍ଦିର ପ୍ରବେଶ


ନବଯୌବନ ବେଶରେ ରଘୁନାଥଜୀଉ।

ଅନୁମତି ଦିଆଯିବ ନାହିଁ ବୋଲି ଜଣେ ଅଧିକାରୀ ପ୍ରକାଶ କରିଛନ୍ତି। ମନ୍ଦିର ଇତିହାସରେ ଲଗାତର ୨ ବର୍ଷ ଶ୍ରୀଜୀଉଙ୍କ ଶ୍ରୀରାମନବମୀ ଯାତ୍ରା ବନ୍ଦ ହେବା ଆଦୌ ନଜୀର ନାହିଁ। ହେଲେ କରେନା କଟକଣା ଯୋଗୁ ଏପରି ବ୍ୟତିକ୍ରମ ଦେଖାଦେଇଛି।

# ଅଭିଯୁକ୍ତ କୋର୍ଟ ଚାଲାଣ ମହିଳା ମୃତ୍ୟୁ ଘଟଣା

ପାତ୍ରପୁର,୨୦।୪(ଡି.ଏନ.ଏ.)

ଜରଡ଼ା ଥାନା ବୁରାତାଲ ପଞ୍ଚାୟତ କୁସମଳା ଜଙ୍ଗଲରେ ଶିକାରୀ ଗୁଳିରେ ଗୁରୁତର ହୋଇଥିବା ମମିତା ଭୂୟାଁଙ୍କ ସୋମବାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଜରଡ଼ା ପୋଲିସ ମଙ୍ଗଳବାର ଶିକାରୀଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଜଗନ୍ନାଥ ଭୂୟାଁ। କୁସମଳା ଗ୍ରାମର ଦୁର୍ଲ୍ଲଭ କାର୍ଜିଙ୍କ ଝିଅ ମମିତା ଶନିବାର ଜଙ୍ଗଲରେ ଜାଳେଣି କାଠ ସଂଗ୍ରହ କରୁଥିବା ବେଳେ ଜଗନ୍ନାଥଙ୍କ ବନ୍ଧୁକ ଗୁଳିବାଜି ଗୁରୁତର ହୋଇଥିଲେ। ଜଗନ୍ନାଥ ମମିତାଙ୍କୁ ନିଜ ଘରେ ନେଇ ଚେରମୂଳି ଚିକିତ୍ସା କରିଥିଲେ ମଧ୍ୟ ଦୁର୍ଲ୍ଲଭଙ୍କୁ ଦେଇ ନ ଥିଲେ। ଦୁର୍ଲ୍ଲଭଙ୍କ ଏତଲା କ୍ରମେ ପୋଲିସ ରବିବାର ନଂ. ୮୫/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ପୋଲିସ ମମିତାଙ୍କୁ ମେଡିକାଲ ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ସୋମବାର ରାତିରେ ଗାଁରେ ସତ୍କାର କରାଯାଇଛି।

# ତାରାତାରିଣୀଙ୍କ ପୀଠ ଖାଁ ଖାଁ

## ଚତୁର୍ଥପାଳି ଚୈତ୍ର ମଙ୍ଗଳବାର ଯାତ୍ରା

ପୁରୁଷୋତ୍ତମପୁର,୨୦।୪(ଡି.ଏନ.ଏ.)

ମା' ତାରାତାରିଣୀଙ୍କ ଚତୁର୍ଥ ପାଳି ଚୈତ୍ର ମଙ୍ଗଳବାର ଯାତ୍ରା କରୋନା କଟକଣା ମଧ୍ୟରେ ଶେଷ ହୋଇଛି। ରାତି ସାଢ଼େ ୨ଟାରୁ ମନ୍ଦିର ଦ୍ୱାର ଫିଟାଯାଇ ପରମ୍ପରା ଅନୁସାରେ ମଙ୍ଗଳ ଆଳତି, ଅବକାଶ ନୀତି, ମାଜଣା, ଅଭିଷେକ, ଶୃଙ୍ଗାର ଆଦି ପୂଜାର୍ଚ୍ଚନା କରାଯାଇ ମା' ତାରାତାରିଣୀ ଦୁଇ ଭଉଣୀଙ୍କୁ ବାସନ୍ତିକ ଦୁର୍ଗା ବେଶରେ ସଜ୍ଜିତ କରାଯାଇ ସକାଳ ୬.୧୫ରେ ସାହାଣ ମେଲା ହୋଇଥିଲା। କୋଭିଡ୍ ନିୟମ ଅନୁସାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମା'ଙ୍କ ଦର୍ଶନ ଲାଗି ବାରଣ କରିଥିବାରୁ କୌଣସି ଭକ୍ତ ଆସି ନ ଥିବାରୁ ମନ୍ଦିର ସମ୍ପୂର୍ଣ୍ଣ ଖାଁ ଖାଁ ହୋଇପଡିଥିବା ଦେଖିବାକୁ ମିଳିଥିଲା। ପୁରୁଷୋତ୍ତମପୁର ତହସିଲଦାର ନୀତୀଶ କୁମାର ତ୍ରିପାଠୀ, ଅତିରିକ୍ତ ତହସିଲଦାର ସୁନୀଲ୍ କୁମାର ଗୁଡୁ, ବିଡିଓ ବିଜୟ କୁମାର ଉପସ୍ଥିତି ଥିଲେ। ଏସ୍‌ଡିପିଓ ସୀମା ସ୍ୱାଇଁଙ୍କ ନେତୃତ୍ୱରେ ଆଇଆଇସି ଜଗନ୍ନାଥ ମଲ୍ଲିକଙ୍କ ସହ ପୋଲିସ ଫୋର୍ସ ତାରାତାରିଣୀ ପୀଠକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଜଗି ରହି ଲୋକଙ୍କୁ ମନ୍ଦିରକୁ ଯିବା ଲାଗି ମନା କରିଥିଲେ। ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ସେବାୟତ ବାପୁଜୀ ରଣା, ତପନ କୁମାର ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନା କରିଥିଲେ।

# କନ୍ଧମାଳରେ ୨୫ ଆକ୍ରାନ୍ତ ଚିହ୍ନଟ

## ସପ୍ତାହାନ୍ତ ଶଟ୍‌ଡାଉନ୍ ନ ମାନିଲେ କାର୍ଯ୍ୟାନୁଷ୍ଠାନ

ଫୁଲବାଣୀ ଅଫିସ, ୨୦।୪

କରୋନାର ଦ୍ରୁତ ସଂକ୍ରମଣକୁ ପ୍ରତିହତ କରିବା ପାଇଁ କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି। ମଙ୍ଗଳବାର ଜିଲାରେ ୨୫ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଦ୍ୱିତୀୟ ଲହରରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪୦ ଟପିଛି। ଗତ ଦୁଇ ଦିନ ହେଲା ଫୁଲବାଣୀ ସହରରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସହରାଞ୍ଚଳଗୁଡିକରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ଏବେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ କର୍ଫ୍ୟୁ ବଳବତ୍ତର ରହୁଛି । ସରକାର ପ୍ରତି ଶନିବାର ଏବଂ ରବିବାର ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏହିସମୟରେ ଜରୁରୀ ସେବା ଜାରି ରହିବ। ଜରୁରୀ ସେବାରେ ନିୟୋଜିତ କର୍ମଚାରୀ, ଶିଳ୍ପ ସଂସ୍ଥା, ନିର୍ମାଣ କାର୍ଯ୍ୟ, ଲଜ୍‌ରେ କାର୍ଯ୍ୟରତ କର୍ମଚାରୀ କଟକଣାରୁ ମୁକ୍ତ ରହିବେ। ଏମାନଙ୍କ ପାଇଁ ଜିଲା ପ୍ରଶାସନ ତରଫରୁ କୌଣସି ସ୍ୱତନ୍ତ୍ର ଅନୁମତି ପତ୍ର ପ୍ରଦାନ କରାଯିବ ନାହିଁ। ସମ୍ପୃକ୍ତ ବ୍ୟକ୍ତିବିଶେଷ ସେମାନଙ୍କ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ପରିଚୟପତ୍ର ଦେଖାଇପାରିବେ ବୋଲି କୁହାଯାଇଛି। ସେହିପରି ଜିଲା ପ୍ରଶାସନ ଦ୍ୱାରା ପ୍ରାଧୀକୃତ ଅଧିକାରୀଙ୍କ ଅନୁମତି କ୍ରମେ ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟା ବ୍ୟତୀତ ଅନ୍ୟ କୌଣସି ସାର୍ବଜନୀନ ସାମାଜିକ କାର୍ଯ୍ୟ ସମ୍ପାଦନ କରାଯାଇ ପାରିବ ନାହିଁ। ସାମାଜିକ ଦୂରତା ବଜାୟ ରଖିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି । ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ ଖିଲାପ ନଜରକୁ ଆସିଲେ ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସତର୍କ କରାଇ ଦିଆଯାଇଛି।

# ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ

ଖଣ୍ଡପଡ଼ା,୨୦।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟ ପ୍ରକୋଷ୍ଠରେ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ନରେ ସିଆରସିସି ଚିରଞ୍ଜୀବୀ ବେହେରା ଓ ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନମାଳୀପୁର ଓ ରାଣୀଛେଲି କ୍ଲଷ୍ଟରର ଅଧୀନରେ ଥିବା ୧୫


ଶିକ୍ଷଣ ସାମଗ୍ରୀ ମେଳାରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ମେଳାରେ ଯୋଗଦେଇଥିଲେ। ଉକ୍ତ ମେଳାରେ ସର୍ବମୋଟ ୪୮ଟି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା।

# ଅର୍ଥ ଲଗାଣକାରୀ ସଂସ୍ଥାରେ ତାଲା

ଓଡ଼ଗାଁ,୨୦।୪(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁରେ ବିଭିନ୍ନ ପ୍ରକାର ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ସେମାନଙ୍କ ବ୍ୟବସାୟ ଚଳାଇଛନ୍ତି। ହେଲେ ମଙ୍ଗଳବାର ସ୍ଥାନୀୟ ମନ୍ଦିର ରୋଡରେ ଥିବା ଏକ ଅର୍ଥ ଲଗାଣକାରୀ ସଂସ୍ଥାରେ ଲୋକେ ଜମା ଟଙ୍କା ଫେରି ନ ପାଇ ତାଲା ପକାଇଛନ୍ତି। କେତେଜଣ ଜମାକାରୀ ବାରମ୍ବାର ସଂପୃକ୍ତ ଅଫିସକୁ ଆସି ସେମାନଙ୍କ ଜମା ଟଙ୍କା ଦେବାକୁ ଶାଖା ପରିଚାଳକଙ୍କୁ ଅନୁରୋଧ କରିଥିଲେ। ହେଲେ ସେମାନଙ୍କୁ ଜମା ଟଙ୍କା ଦେବା ବଦଳରେ ନାନା ବାହାନା ଦେଖାଇ ଫେରାଇ ଦିଆଯାଇଥିଲା। ପରେ ସେମାନଙ୍କ ଟଙ୍କାକୁ ଅନ୍ୟ କୌଣସି ଯୋଜନାରେ ବାନ୍ଧିବାକୁ ପ୍ରୋତ୍ସାହିତ କରାଯାଇଥିଲା। ସଂସ୍ଥାର ଏପରି ଟାଳଟୁଳ ନୀତିକୁ ଜମାକାରୀମାନେ ବିରୋଧ କରିଥିଲେ। ଜମାକାରୀମାନେ ଜରୁରୀ ସମୟରେ ସେମାନଙ୍କ ପ୍ରାପ୍ୟ ନ ପାଇବା ପ୍ରତିବାଦରେ ସଂପୃକ୍ତ ଅଫିସରେ ମଙ୍ଗଳବାର ତାଲା ପକାଇବା ସହ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ପରବର୍ତ୍ତୀ ସମୟରେ କେତେଜଣ ଜମାକାରୀଙ୍କୁ ଅଳ୍ପ କିଛି ଟଙ୍କାର ଚେକ୍ ଆକାରରେ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ଜମାକାରୀମାନେ ଅଫିସରେ ପକାଇଥିବା ତାଲା ଖୋଲିଥିଲେ।


ଜମାକାରୀମାନେ ଅଫିସ ଫାଟକରେ ତାଲା ପକାଇ ଅନଶନରେ ବସିଛନ୍ତି।

# ଗାଡ଼ି ସହ ୨.୨୦ ଗ୍ରାମ୍ ବ୍ରାଉନସୁଗାର ଜବତ

## ୨ବ୍ୟବସାୟୀ ଜେଲ ଗଲେ

ନୟାଗଡ଼ ଅଫିସ,୨୦।୪

ନୟାଗଡ଼ ପୋଲିସ ଜିଲାର ଫତେଗଡ ଥାନା ପୋଲିସ ଦୁଇ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଗୁରୁଜଙ୍ଗ ଟାଙ୍ଗିସାହିର କାଳୁ ଚରଣ ଭୂୟାଁ (୨୭) ଓ ଗୁରୁଜଙ୍ଗ କୋଚିଲାକଣ ସାହିର ନନ୍ଦ କିଶୋର ସାହୁ (୨୧)। ପୋଲିସ ସେମାନଙ୍କଠାରୁ ୨.୨୦ ଗ୍ରାମ ବ୍ରାଉନସୁଗାର ସହ ଏକ ସ୍କୁଟି ଜବତ କରିଛି। କାଳୁଙ୍କ ନିଜ ଘର ଗଞ୍ଜାମ ଜିଲା ପୋଲସରା ଥାନା କେନ୍ଦୁବାରୀ। ପୋଲିସ ସୂଚନା ଅନୁସାରେ ୨ ଯୁବକ ଭାପୁର ବ୍ଲକ ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରି ଓଡି ୩୩ ଏସି ୨୦୦୫ ନଂ. ସ୍କୁଟିରେ ଖୋର୍ଦ୍ଧା ଫେରୁଥିଲେ। କଳାପଥର-ଭାପୁର ମୁଖ୍ୟ ରାସ୍ତାର ମଣିପୁର ଛକରୁ ସେମାନେ ଧରାପଡିଥିଲେ। ପୋଲିସ ଏକ ମାମଲା(ନଂ.୭୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଖୋର୍ଦ୍ଧାରୁ ଆସୁଛନ୍ତି ବ୍ୟବସାୟୀ

ନୟାଗଡ଼ ଜିଲା ଏବେ ବ୍ରାଉନସୁଗାର ବ୍ୟବସାୟର ନିରାପଦ ସ୍ଥଳ ପାଲଟିଛି। ଏହି ଜିଲାରେ ଅବାଧରେ ବ୍ରାଉନସୁଗାର ବ୍ୟବସାୟ ଚାଲିଛି। ଖୋର୍ଦ୍ଧା ଆଦର୍ଶ ଥାନା ଗୁରୁଜଙ୍ଗର ବ୍ୟବସାୟୀମାନେ ନୟାଗଡ଼ରେ ବ୍ୟବସାୟ କରି ଫେରି ଯାଉଛନ୍ତି। ଭାପୁର ବ୍ଲକ ମଣିପୁର ଛକରୁ ମଙ୍ଗଳବାର ୨ ଯୁବକ ଗିରଫ ହେବା ପରେ ଏହା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଫତେଗଡ, ରଣପୁର ଓ ନୟାଗଡ ଟାଉନ ଥାନା ଅଞ୍ଚଳରେ ସେମାନଙ୍କ ପ୍ରଭାବ ରହିଛି। ସ୍ଥାନୀୟ କେତେଜଣ ଯୁବକଙ୍କୁ ଅଧିକ ରୋଜଗାର ଲୋଭ ଦେଖାଇ ଏହି ଯୁବକମାନେ ବ୍ୟବସାୟକୁ ବଢ଼ାଇ ଚାଲିଛନ୍ତି। ଗୁରୁଜଙ୍ଗର ଜଣେ ବ୍ୟବସାୟୀଙ୍କ ସୂଚନା ଅନୁସାରେ ଖୋର୍ଦ୍ଧା ଅପେକ୍ଷା ନୟାଗଡ଼ ବଜାର ଭଲ। କାରଣ ସେଠାରେ ଚଢ଼ାଉ କମ,ବ୍ୟବସାୟ ଅଧିକ ହେଉଛି। ଏଣୁ ଖୋର୍ଦ୍ଧା ବ୍ୟସାୟୀ ନୟାଗଡ଼ ଜିଲାକୁ ପ୍ରତିଦିନ ଯାଉଛନ୍ତି। ସେମାନଙ୍କୁ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ସୁରକ୍ଷା ଯୋଗାଇ ଦେଉଛନ୍ତି ବୋଲି ସେ କହିଛନ୍ତି।

### ଛୋଟାଙ୍କ କଳା ସାମ୍ରାଜ୍ୟ

ଖୋର୍ଦ୍ଧା ବ୍ରାଉନସୁଗାରର ଡନ୍ ଶୁଭ୍ରାଂଶୁ ପରିଡା ଓରଫ ଛୋଟା ଏବେ ଝାରପଡ଼ା ଜେଲରେ ଅଛନ୍ତି। ତେବେ ତାଙ୍କ ସାମ୍ରାଜ୍ୟ ଖୋର୍ଦ୍ଧା ପରେ ଏବେ ନୟାଗଡ଼ ଜିଲାରେ କାୟା ବିସ୍ତାର କରୁଛି। ଜେଲରେ ଥାଇବି ସେ ତାଙ୍କ କଳାସାମ୍ରାଜ୍ୟକୁ ବଞ୍ଚାଇ ରଖିଥିବା କେତେଜଣ ବ୍ୟବସାୟୀ ନିଜ ନାମ ଗୋପନ ରଖି କହିଛନ୍ତି। ଗୁରୁଜଙ୍ଗ ଅଞ୍ଚଳର ବିକି ସିକି ନାମକ ୨ ଯୁବକ ଏବେ ନୟାଗଡ଼ ଦାୟିତ୍ୱରେ ଅଛନ୍ତି। ଛୋଟାଙ୍କ ସାମ୍ରାଜ୍ୟକୁ ନୟାଗଡ଼ରେ ସେମାନେ ବଢ଼ାଉଥିବା ଜଣାପଡିଛି। ବ୍ୟବସାୟ ବଢ଼ାଇବା ପାଇଁ ପ୍ରଥମେ ୧୦ରୁ ୧୫ ଦିନ ମାଗଣାରେ ବ୍ରାଉନସୁଗାର ଦିଆଯାଉଛି। କିଛିଦିନ ପରେ ମାଗଣା ଦେବା ବନ୍ଦ ପରେ ସେମାନେ ନିୟମିତ ଗ୍ରାହକ ହୋଇ ଯାଉଛନ୍ତି।

### ଏସ୍‌ଟିଏଫ୍ ତଦନ୍ତ ପାଇଁ ଦାବି

କାଁଭାଁ ଚଢ଼ାଉକୁ ଛାଡିଦେଲେ ପୋଲିସ ଓ ଅବକାରୀ ବିଭାଗ ଏଥିରେ ଲଗାମ ଦେଇ ପାରୁନି। ଏଭଳି ସ୍ଥଳେ ଅନେକ ବେକାର ଯୁବକ, କଲେଜ ଛାତ୍ର, ଶ୍ରମିକ ବ୍ରାଉନସୁଗାର କବଳରେ ପଡି ସର୍ବସ୍ୱାନ୍ତ ହେଲେଣି। ଅଧିକାଂଶ ଘରେ ଏହି କାରଣରୁ ଗଣ୍ଡଗୋଳ ଓ ମାରପିଟ୍ ଘଟୁଛି। କେତେଜଣ ଯୁବକ ଚୋରି, ଲୁଟ୍ କରି ବ୍ରାଉନସୁଗାର ଖାଉଛନ୍ତି। ସେଥିପାଇଁ ବିଭିନ୍ନ ଥାନା ଅଞ୍ଚଳରେ ଗଣ୍ଡଗୋଳ, ଚୋରି ଓ ଲୁଟ୍ ବଢ଼ିଛି। ଏବେଠାରୁ ବ୍ରାଉନସୁଗାର କାରବାରକୁ ନିୟନ୍ତ୍ରଣକୁ ନ ଆଣିଲେ ନୟାଗଡ଼ ଜିଲାରେ ଆଇନଶଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିବ ବୋଲି ଆଶଙ୍କା କରାଯାଉଛି। ଏଣୁ ଏହି କାରବାରର ତଦନ୍ତ କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ଟ୍ୟାକ୍ସ ଫୋସ (ଏସ୍‌ଟିଏଫ୍) ଦ୍ୱାରା କରିବାକୁ ସାଧାରଣରେ ଦାବି ହୋଇଛି।

